# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 July – 2026

*********************************

## ମୁଖ୍ୟ ସମ୍ବାଦ

- ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କଲେ ସରକାର
- କେନ୍ଦ୍ର ସରକାରଙ୍କ ଦ୍ୱାରା ପୁନଃ ନିର୍ଦ୍ଧାରିତ ହେଲା ୩୬ଟି ଅତ୍ୟାବଶ୍ୟକ ଔଷଧର ଖୁଚୁରା ମୂଲ୍ୟ
- ଆଷାଢ଼ କୃଷ୍ଣ ପକ୍ଷ ଦ୍ୱାଦଶୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଛି ଶ୍ରୀଜୀଉଙ୍କ ଦ୍ୱାଦଶୀ ନୀତି

ଏବଂ

- ରାଜ୍ୟରେ ସକ୍ରିୟ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ; ଆଗାମୀ ୭ ଦିନ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

## ନିଶାମୁକ୍ତ ଓଡ଼ିଶା

ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ଯୋଜନାର ଅନୁମୋଦନ ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ-ଏସ୍.ଏସ୍.ଇ.ପି.ଡି ପକ୍ଷରୁ ସରକାରଙ୍କ ନିକଟକୁ ଚିଠି ଲେଖାଯାଇଛି। କାର୍ଯ୍ୟକ୍ରମ ପାଇଁ ମୋଟ୍ ୪ କୋଟି ୬୨ ଲକ୍ଷ ଟଙ୍କାର ଅର୍ଥରାଶି ସ୍ଥିର କରାଯାଇଛି। ଯୋଜନାରେ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ପଂଚାୟତ ପର୍ଯ୍ୟନ୍ତ ସଚେତନତା ଅଭିଯାନ କରାଯିବ। ରାଜ୍ୟର ୧୫୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନିଶା ବିରୋଧୀ ସଚେତନତା, ଗଣଦୌଡ଼, ପଦଯାତ୍ରା ଓ ସାଇକେଲ ରାଲି ଆୟୋଜନ କରାଯିବ। ପ୍ରତି ବ୍ଲକ୍‌ରେ ନିଶା ବିରୋଧୀ କାର୍ଯ୍ୟକ୍ରମ ଓ ନିଶାଦ୍ରବ୍ୟ ନିରୋଧି କମିଟି ଆୟୋଜନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରତି ଜିଲ୍ଲାରେ ୫୦ ଜଣ ନଶାମୁକ୍ତ ମିତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡିଛି।

## ଔଷଧ ମୂଲ୍ୟ ହ୍ରାସ

କେନ୍ଦ୍ର ସରକାର ୩୬ଟି ଅତ୍ୟାବଶ୍ୟକ ଔଷଧର ଖୁଚୁରା ମୂଲ୍ୟ ପୁନଃ ନିର୍ଦ୍ଧାରଣ କରିଛନ୍ତି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ-ଏନ୍.ପି.ପି.ଏ. ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ଏହି ତାଲିକାରେ ବିଶେଷ କରି ଉଚ୍ଚ ରକ୍ତଚାପ, ମଧୁମେହ, ହୃଦ୍‌ରୋଗ, କର୍କଟ, ସଂକ୍ରମଣ, ଶ୍ୱାସରୋଗ ଓ ଆଖି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଔଷଧର ମୂଲ୍ୟ ସ୍ଥିର ରଖାଯାଇଛି। ଔଷଧ

ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକୁ ବିଜ୍ଞାପିତ ୩୬ଟି ଔଷଧର ନିର୍ଦ୍ଧାରିତ ମୂଲ୍ୟ ତୁରନ୍ତ ଲାଗୁ କରିବା ଲାଗି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି । ଲୋକମାନଙ୍କୁ କମ୍ ମୂଲ୍ୟରେ ଅତ୍ୟାବଶ୍ୟକ ଔଷଧ ଯୋଗାଇଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିବା ଜଣାପଡିଛି ।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ରୋଗୀମାନେ ସୁଲଭ ମୂଲ୍ୟରେ ଔଷଧ ପାଇପାରିବେ ବୋଲି କହିଛନ୍ତି ।

## ପିଆଜ ଦର ବୃଦ୍ଧି

ପିଆଜ ଯୋଗାଣ ଆଂଶିକ ଭାବେ ବାଧାପ୍ରାପ୍ତ ହୋଇଥିବାରୁ ଦର ବୃଦ୍ଧି ପାଇଥିବା ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଗତ ୧୫ ଦିନ ମଧ୍ୟରେ ପିଆଜର ଖୁଚୁରା ଦର ପ୍ରାୟ ୨୦ ଟଙ୍କା ବୃଦ୍ଧି ପାଇଥିବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ମୁଖ୍ୟତଃ ରାଜ୍ୟକୁ ମହାରାଷ୍ଟ୍ରରୁ ପିଆଜ ଆମଦାନୀ କରାଯାଉଥିବାବେଳେ ସେଠାରେ ପ୍ରବଳ ବର୍ଷା ଯୋଗୁଁ ପିଆଜ ଉତ୍ପାଦନ କ୍ଷତିଗ୍ରସ୍ତ ହୋଇଛି । ଫଳରେ ଆବଶ୍ୟକତା ମୁତାବକ ପିଆଜ ଆମଦାନୀ ହୋଇପାରିନାହିଁ । ଅନ୍ୟପକ୍ଷରେ, ରାଜ୍ୟରେ ମହଜୁଦ ଥିବା ପିଆଜ ପରିମାଣ ହ୍ରାସ ପାଉଥିବାରୁ ଦର ବୃଦ୍ଧି ଘଟିଛି । ସେ କହିଛନ୍ତି, ଆଳୁ ସମେତ ଅନ୍ୟାନ୍ୟ ସାମଗ୍ରୀର ଦର ବୃଦ୍ଧି ଘଟିନାହିଁ । ପିଆଜ କଳାବଜାରୀ ରୋକିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

**- V/O –**

## ଦାଶରଥି ପଟ୍ଟନାୟକ ଜୟନ୍ତୀ

ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ ତଥା ସଂଗ୍ରାହକ ଦାଶରଥି ପଟ୍ଟନାୟକଙ୍କ ଆଜି ୧୧୯ତମ ଜନ୍ମଜୟନ୍ତୀ ପାଳନ କରାଯାଉଛି । ଓଡ଼ିଶାବାସୀଙ୍କ ନିକଟରେ ଦାଶିଆ ଅଜା ନାମରେ ପରିଚିତ ଦାଶରଥି ପଟ୍ଟନାୟକଙ୍କ ଜନ୍ମଜୟନ୍ତୀ ମିଳିତ ଭାବେ ଜିଲ୍ଲା ପ୍ରଶାସନ ଏବଂ ଦାଶିଆ ଅଜା ସ୍ମୃତିକମିଟି ପକ୍ଷରୁ ପାଳିତ ହେଉଛି । ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷ  ଦେବାଶିଷ ପଟ୍ଟନାୟକ ଓ ଜିଲ୍ଲାପାଳ ମଧୁମିତା ରଥ ପ୍ରମୁଖ ଯୋଗଦେଇ ଦାଶିଆ ଅଜାଙ୍କ ସ୍ମୃତିଚାରଣ କରିଥିଲେ ।

ସ୍ୱର୍ଗତଃ ପଟ୍ଟନାୟକ ୧୯୫୯ ମସିହାରେ ବାଞ୍ଛାନିଧି ପାଠାଗାର ୧୯୭୩ରେ ଶ୍ରୀଅରବିନ୍ଦ ସଂଗ୍ରହାଳୟ ଏବଂ ୧୯୭୫ରେ ଯଦୁମଣୀ ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ ।

## ହୋମ୍‌ଗାର୍ଡ ମୃତ୍ୟୁ

**ପୁରୀ** ରଥଯାତ୍ରା କାର୍ଯ୍ୟରେ ନିୟୋଜିତ କେନ୍ଦୁଝରର ହୋମ୍‌ଗାର୍ଡ ପ୍ରଦୀପ କୁମାର ମହାନ୍ତଙ୍କ ମୃତ୍ୟୁ ହୋଇଛି । ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତାରାଶି ଘୋଷଣା କରିଛନ୍ତି । ଏହା ସହିତ ମୃତକଙ୍କ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ହୋମଗାର୍ଡ ଭାବେ ନିଯୁକ୍ତି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି ।

## ଖାଦ୍ୟ ପ୍ରକ୍ରିୟାକରଣ

**ନବରଙ୍ଗପୁର** ସାଂସଦ ବଳଭଦ୍ର ମାଝୀ ଆରଏମ୍‌ସି କ୍ୟାମ୍ପସ୍‌ରେ ଅବସ୍ଥିତ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ସାଧାରଣ ସୁବିଧା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି କେନ୍ଦ୍ରର ପରିଚାଳନା ଓ ଭିତ୍ତିଭୂମି ସମୀକ୍ଷା କରି ଶ୍ରୀ ମାଝୀ ଏହାର ସଠିକ୍ ପରିଚାଳନା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ନବଯୌବନ ଦର୍ଶନ

ଆଷାଢ଼ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଅଣସର ଘରେ ଆଜି ଠାକୁରଙ୍କ ଦ୍ୱାଦଶୀନୀତି ପାଳନ କରାଯାଉଛି। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ସକାଳ ଧୂପନୀତି ଶେଷ ହେବା  ପରେ ମହାପ୍ରଭୁଙ୍କର ରାଜପ୍ରସାଦ ବିଜେନୀତି ଆଉ କିଛି ସମୟ ପରେ ଅନୁଷ୍ଠିତ ହେବ। ଗୁପ୍ତ ସେବା ସମୟରେ ଶ୍ରୀଅଙ୍ଗରୁ ବାହାର କରାଯାଇଥିବା ଚନ୍ଦନ, କରାଳ ଓ ପାଟଡୋରକୁ ରୂପା ଥାଳିରେ ପଟୁଆର ସହ ଦଇତାପତି ସେବକ ଶ୍ରୀନଅରକୁ ନେବେ। ସେଠାରେ ମହାପ୍ରଭୁଙ୍କ ସୁସ୍ଥତା ସମ୍ପର୍କରେ ଗଜପତିଙ୍କୁ ଅବଗତ କରାଇବା ସହ ଆଗାମୀ ରଥଯାତ୍ରା ନେଇ ଆଲୋଚନା ହେବ।

ଶ୍ରୀକ୍ଷେତ୍ରରେ ଆସନ୍ତା ମଙ୍ଗଳବାର ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହେବ। ଶ୍ରୀଜୀଉମାନଙ୍କ ରଥର ଦଳମୁଖ୍ୟ ନିର୍ଦ୍ଧାରଣ

କରାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ କହିଛନ୍ତି।

**- V/O -**

ତେବେ ଠାକୁରଙ୍କର ସୀମିତ ସମୟ ଦର୍ଶନ ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଶ୍ରୀ ପାଢୀ କହିଛନ୍ତି, ଅପରାହ୍ନ ୨ଟାଠାରୁ ସାହାଣମେଲା ଦର୍ଶନ ଆରମ୍ଭ ହେବ।

୧୫ତାରିଖରେ ଅମାବାସ୍ୟା ଏବଂ ରଥଯାତ୍ରା ପାଇଁ ବିଶେଷ ନୀତିକାନ୍ତି ଥିବାରୁ ନବଯୌବନ ଦର୍ଶନକୁ ସୀମିତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ପ୍ରତ୍ୟେକ ରଥ ପାଇଁ ଅଧିକ ଗୋଟିଏ ଲେଖାଏଁ ରଥଦଉଡି ରହିବ। ତିନି ରଥ ଉପରକୁ କୌଣସି ଅନଧିକୃତ ସେବାୟତଙ୍କ ଚଢିବା ଏବଂ ମୋବାଇଲ ଫୋନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି।

## ୧୨ ବର୍ଷ ପୂର୍ତ୍ତି

ନୂଆପଡା ଜିଲ୍ଲା ଖଡିଆଳ ଦରବାର ହଲ୍‌ଠାରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଏକ ବୁଦ୍ଧିଜୀବୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାଂସଦ ମାଳବିକା ଦେବୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉପଲବ୍ଧି, ଐତିହାସିକ ନିଷ୍ପତ୍ତି ଓ ଯୁଗାନ୍ତକାରୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବିକଶିତ ଭାରତର ପରିକଳ୍ପନା ୨୦୪୭କୁ ସାକାର କରିବା ପାଇଁ ଦେଶର ପ୍ରତ୍ୟେକ

ନାଗରିକଙ୍କ ଭୂମିକା ଓ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ସାଂସଦ କହିଥିଲେ। ସମ୍ମିଳନୀରେ ଖଡିଆଳରେ ରେଳପଥ ନିର୍ମାଣ, ତିଖଳି ନିମ୍ନ ଇନ୍ଦ୍ରରେ ମେଗା ପାଇପ୍‌ଲାଇନ୍ ଜଳସେଚନ ପ୍ରକଳ୍ପ, ଉଦନ୍ତୀ ବ୍ୟାରେଜ୍ ନିର୍ମାଣ, ଖଡିଆଳ ଡିଗ୍ରୀ ମହିଳା କଲେଜକୁ ସରକାରୀ ଜମି ପ୍ରଦାନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

## ପ୍ଲାଷ୍ଟିକ୍‌ମୁକ୍ତ

ନୂଆପଡା ଜିଲ୍ଲାରେ ଏକକ ବ୍ୟବହୃତ ପ୍ଲାଷ୍ଟିକମୁକ୍ତ ଅଭିଯାନ ଅଧୀନରେ ଗାଁ ପରିମଳ ଗାଁ ମୁଣ୍ଡରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ମାଗୁରପାଣି ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱଚ୍ଛ, ସୁସ୍ଥ ଓ ପରିବେଶ ଅନୁକୂଳ ଗ୍ରାମ ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ କରିବା ଲାଗି ଆହ୍ୱାନ ଦେଇଥିଲେ।

## ଏକ୍ ପେଡ୍ ମା’ କେ ନାମ

**ବଲାଙ୍ଗିର** ଜିଲ୍ଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କରକଟିଆ ସଂରକ୍ଷିତ ଜଙ୍ଗଲରେ ‘ଏକ୍ ପେଡ୍ ମା’ କେ ନାମ୍’ ଓ ବିଧାୟକ ବନପ୍ରକଳ୍ପର ଶୁଭାରମ୍ଭ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିଥିଲେ। ବଲାଙ୍ଗିର ବନଖଣ୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଜନସାଧାରଣ ମଧ୍ୟ ଚାରାରୋପଣ କରିଥିବା ଜଣାପଡିଛି।

## ଦିଶା ବୈଠକ

**ଭଦ୍ରକ** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଚତୁର୍ଥ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି-ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ଅଧ୍ୟକ୍ଷ ତଥା ସାଂସଦ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ବିଧାୟକଗଣ ଯୋଗଦେଇ ନିର୍ବାଚିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସୁସମନ୍ୱୟ ରକ୍ଷା ଦିଗରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଜିଲ୍ଲାରେ ଖାଲି ଥିବା ବିଭିନ୍ନ ପଦବୀ ପୂରଣ ସହ ରାସ୍ତାଘାଟ ମରାମତି ଓ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବା ଲାଗି ମତ ପ୍ରକାଶ ପାଇଛି ।

## ଜନସଂଖ୍ୟା ଦିବସ

**ନୂଆପଡ଼ା** ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ଗତକାଲି ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ କୃଷି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ନୂଆପଡା ଜିଲ୍ଲାକୁ ସମ୍ମାନିତ କରାଯାଇଛି । ୨୦୨୫-୨୬ ବର୍ଷ ଲାଗି ପରିବାର ନିୟୋଜନ କାର୍ଯ୍ୟକ୍ରମରେ ସାମଗ୍ରିକ ପ୍ରଦର୍ଶନ ପାଇଁ ଏହି ସମ୍ମାନ ମିଳିଛି । ଏହାବ୍ୟତୀତ ପ୍ରସବ ପରବର୍ତ୍ତୀ ଜନ୍ମ ନିୟନ୍ତ୍ରଣ ଉପକରଣ ଗ୍ରହଣରେ ନୂଆପଡା ତୃତୀୟ ସ୍ଥାନ ଅଧିକାର କରିଛି । ସମାରୋହରେ ଜିଲ୍ଲାର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜେ.ଏସ୍. ମହାନ୍ତି ପୁରସ୍କାର ଗ୍ରହଣ କରିଛନ୍ତି ।

## ଖେଳ-ଅନିମେଷ କୁଜୁର

ଜର୍ମାନୀରେ ଅନୁଷ୍ଠିତ 'ଫାଷ୍ଟ ଆର୍ମସ୍-ଫାଷ୍ଟ ଲେଗ୍ସ୍' ୧୦୦ ମିଟର ଦୌଡ଼କୁ ୧୦ ମିନିଟ୍ ୧୪ ସେକେଣ୍ଡରେ ଶେଷ କରି ଓଡ଼ିଶାର ଧାବକ ଅନିମେଷ

କୁଜୁର ନୂଆ କିର୍ତ୍ତିମାନ ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ବିଶ୍ୱ ଆଥଲେଟିକ୍ସ ମଂଚରେ ଏହି ଚମତ୍କାର ପ୍ରଦର୍ଶନ ରାଜ୍ୟର ଯୁବ କ୍ରୀଡାବିତ୍‌ମାନଙ୍କୁ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇବ। ମୁଖ୍ୟମନ୍ତ୍ରୀ କୁଜୁରଙ୍କ ଉଜ୍ଜ୍ୱଳ କ୍ରୀଡା ଭବିଷ୍ୟତର କାମନା କରିଛନ୍ତି।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଅପରପକ୍ଷରେ, ପଶ୍ଚିମବଙ୍ଗ ଓ ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ଆସନ୍ତା ୨ ଦିନ ମଧ୍ୟରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଜଗତ୍‌ସିଂହପୁର ଜିଲ୍ଲାର ଆଳିପିଙ୍ଗଳରେ ସର୍ବାଧିକ ୩୦ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୧୧ ଦଶମିକ ୮ ଘନଫୁଟ ରହିଛି। ବର୍ତ୍ତମାନ ଜଳଭଣ୍ଡାରର ୨ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨୧

ହଜାର ୮୬୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୭୪ ହଜାର ୨୭ ଘନଫୁଟ ଜଳ ନିଷ୍କାସିତ ହେଉଛି।